# କେଦାର ରଞ୍ଜନ ପାଣ୍ଡୁ ଓପିଜିସି ଏମ୍‌ଡି

ଭୁବନେଶ୍ୱର,୩।୨(ବ୍ୟୁରୋ): ଓପିଜିସିର ପରିଚାଳନା ନିର୍ଦ୍ଦେଶକ ଭାବେ କେଦାର ରଞ୍ଜନ ପାଣ୍ଡୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଭୁବନେଶ୍ୱରର ସିଇଟିରୁ ମେକାନିକାଲ ଇଞ୍ଜିନିୟରିଂରେ ସ୍ନାତକ ଏବଂ ଆଇଆଇଟି ଦିଲ୍ଲୀରୁ ଏମ୍‌ଟେକ ଡିଗ୍ରୀ ହାସଲ କରିଥିବା ଶ୍ରୀ ପାଣ୍ଡୁଙ୍କର ଶକ୍ତି କ୍ଷେତ୍ରରେ ୩୯ ବର୍ଷରୁ ଊର୍ଦ୍ଧ୍ୱ ଅଭିଜ୍ଞତା ରହିଛି। ୧୯୮୬ରୁ ସେ ଏନ୍‌ଟିପିସି ସହ କାର୍ଯ୍ୟ କରିଛନ୍ତି। ସେଠାରେ ସେ ଇଞ୍ଜିନିୟରିଂ ଏକ୍‌ଜିକ୍ୟୁଟିଭ ଟ୍ରେନି ଭାବେ ଯୋଗ ଦେଇଥିଲେ। ସେ କମ୍ପାନିର ଦକ୍ଷିଣାଞ୍ଚଳ ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଅବସର ଗ୍ରହଣ କରିଥିଲେ। ସେ ବଦରପୁର, ଦାଦ୍ରି, ଭାଲୁର, ଦର୍ଲିପାଲି, ରାମାଗୁଣ୍ଡମ ଭଳି ଏନ୍‌ଟିପିସିର ବିଭିନ୍ନ ପ୍ଲାଣ୍ଟରେ ଭିନ୍ନ ପଦପଦବୀରେ କାର୍ଯ୍ୟ କରିଛନ୍ତି। ସେ ଏନ୍‌ଟିପିସି ତାମିଲନାଡୁର ସିଇଓ, ମେଜା ଊର୍ଜା ନିଗମର ସିଇଓ, ଭୁବନେଶ୍ୱର ଏବଂ ହାଇଦ୍ରାବାଦରେ ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ନୂଆଦିଲ୍ଲୀରେ ଏନ୍‌ଟିପିସି କର୍ପୋରେଟ କାର୍ଯ୍ୟାଳୟରେ କାର୍ଯ୍ୟ କରିଛନ୍ତି। ଶ୍ରୀ ପାଣ୍ଡୁଙ୍କ କାର୍ଯ୍ୟକାଳ ସମୟରେ ତେଲଙ୍ଗାନାର ୮୦୦ ମେଗାୱାଟ ସୁପର କ୍ରିଟିକାଲ ୟୁନିଟର ୨ଟି ୟୁନିଟ କାର୍ଯ୍ୟକ୍ଷମ ହୋଇଥିଲା। ଶକ୍ତି ଦକ୍ଷତାରେ ତାଙ୍କ ପ୍ରୟାସ ଅଭୂତପୂର୍ବ ସଫଳତା ଆଣିଛି, ଯାହାକୁ ଇକୋନୋମିକ ଟାଇମ୍ସ ଏନର୍ଜି ଲିଡରଶିପ ଆୱାର୍ଡ ପ୍ରମାଣିତ କରିଛି। ଶ୍ରୀ ପାଣ୍ଡୁ ସିଆଇଆଇ ଏନର୍ଜି ଏଫିସିଏନ୍ସି ଆୱାର୍ଡ, କ୍ଲିନ ଏନର୍ଜି ମିନିଷ୍ଟେରିଆଲ ଇନ୍‌ସାଇଟ ଆୱାର୍ଡ, ଆପେକ୍ସ ଇଣ୍ଡିଆ ଲିଡର ସିଇଓ ଅଫ୍ ଦ ଇୟର ପୁରସ୍କାର ଲାଭ କରିଛନ୍ତି। ଭୁବନେଶ୍ୱର କର୍ପୋରେଟ କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ଓପିଜିସି ନିର୍ଦ୍ଦେଶକ (ଅର୍ଥ) ଗଗନ ବିହାରୀ ସ୍ୱାଇଁ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ସ୍ୱାଗତ କରିଥିଲେ।

**Prameya_04.02.2025**

# କେଦାର ରଞ୍ଜନ ଓପିଜିସିର ନୂଆ ଏମ୍‌ଡି

ଭୁବନେଶ୍ୱର,୩।୨: (ଅଭୟ ଦାଶ)

ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ ବା ଓପିଜିସିର ନୂତନ ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଭାବେ କେଦାର ରଞ୍ଜନ ପାଣ୍ଡୁ ନିକଟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏପରିକି କେଦାର ଓପିଜିସିର ଭୁବନେଶ୍ୱର କର୍ପୋରେଟ୍ କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ଓପିଜିସିର ନିର୍ଦ୍ଦେଶକ (ଅର୍ଥ) ଗଗନ ବିହାରୀ ସ୍ୱାଇଁ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଉଲ୍ଲେଖଯୋଗ୍ୟ, କେଦାର ରଞ୍ଜନ ଭୁବନେଶ୍ୱରର ସିଇଟିରୁ ମେକାନିକାଲ୍ ଇଞ୍ଜିନିୟରିଂରେ ସ୍ନାତକ ଏବଂ ଆଇଆଇଟି ଦିଲ୍ଲୀରୁ ଏମ୍‌.ଟେକ୍ ଡିଗ୍ରୀ ହାସଲ କରିଥିଲାବେଳେ ଶକ୍ତି କ୍ଷେତ୍ରରେ ତାଙ୍କର ଦୀର୍ଘ ୩୯ବର୍ଷରୁ ଅଧିକ ସମୟର ଅଭିଜ୍ଞତା ରହିଛି। ଏପରିକି ସେ ୧୯୮୬ରେ ଏନ୍‌ଟିପିସି ଲିମିଟେଡ୍ ସହ ଯୋଡି ହୋଇ ସେ ଇଞ୍ଜିନିୟରିଂ ଏକ୍‌ଜିକ୍ୟୁଟିଭ ଟ୍ରେନି ଭାବେ କାର୍ଯ୍ୟ ଆରମ୍ଭ କରି ଦକ୍ଷିଣାଞ୍ଚଳର ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଅବସର ଗ୍ରହଣ କରିଥିଲେ। ତାଙ୍କର ଦୀର୍ଘ ବର୍ଷର ଅଭିଜ୍ଞତା ମଧ୍ୟରେ ସେ ବଦରପୁର, ଦାଦ୍ରି, ତାଳଚେର, ଭାଲୁର, ଦର୍ଲିପାଲି, ରାମାଗୁଣ୍ଡମଠାରେ ବିଭିନ୍ନ ଏନ୍‌ଟିପିସି ପ୍ଲାଣ୍ଟରେ ଭିନ୍ନ ଭିନ୍ନ ପଦପଦବୀରେ ରହି ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି।



କେଦାର ରଞ୍ଜନ ପାଣ୍ଡୁ

**Dharirtri_04.02.2025**

# କେଦାରରଞ୍ଜନ ପାଣ୍ଡୁ ଓପିଜିସିର ନୂଆ ପରିଚାଳନା ନିର୍ଦ୍ଦେଶକ

ଭୁବନେଶ୍ୱର, ୩।୨(ବ୍ୟୁରୋ): ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ(ଓପିଜିସି)ର ପରିଚାଳନା ନିର୍ଦ୍ଦେଶକ ଭାବେ କେଦାରରଞ୍ଜନ ପାଣ୍ଡୁ ଭୁବନେଶ୍ୱରସ୍ଥିତ କର୍ପୋରେଟ କାର୍ଯ୍ୟାଳୟରେ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଦୀର୍ଘ ୩୯ବର୍ଷ ଧରି ଏନଟିପିସିର ବିଭିନ୍ନ ୟୁନିଟ୍‌ରେ କାର୍ଯ୍ୟ କରିବାରେ ତାଙ୍କର ଅଭିଜ୍ଞତା ରହିଛି। ତାପଜ ବିଦ୍ୟୁତ୍ ଉତ୍ପାଦନରେ ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ତାଙ୍କୁ ଇକୋନୋମିକ୍ ଟାଇମ୍‌ସ ଏନର୍ଜି ଲିଡରସିପ୍ ଆୱାର୍ଡ-୨୦୨୪ ସହିତ ଏକାଧିକ ସମ୍ମାନ ମିଳିଛି। ଭୁବନେଶ୍ୱର ସିଇଟିରୁ ସେ ମେକାନିକାଲ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ଦିଲ୍ଲୀ ଆଇଆଇଟିରୁ ଏମ.ଟେକ କରିଥିଲେ। ଓପିଜିସି(ଅର୍ଥ)ର ନିର୍ଦ୍ଦେଶକ ଗଗନବିହାରୀ ସ୍ୱାଇଁଙ୍କ ସମେତ କାର୍ଯ୍ୟାଳୟ ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଶ୍ରୀ ପାଣ୍ଡୁଙ୍କୁ ଶ୍ରୀ ପାଣ୍ଡୁଙ୍କୁ ସ୍ୱାଗତ କରିଥିଲେ।

**The Samaja_04.02.2025**

# କେଦାର ରଞ୍ଜନ ପାଣ୍ଡୁ ଓପିଜିସି ଏମଡି

■ ଭୁବନେଶ୍ୱର, ତା ୩।୨ (ପିଏନଏସ)

ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ (ଓପିଜିସି)ର ପରିଚାଳନା ନିର୍ଦ୍ଦେଶକ (ଏମଡି) ଭାବେ କେଦାର ରଞ୍ଜନ ପାଣ୍ଡୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ସିଇଟି, ଭୁବନେଶ୍ୱରରୁ ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ଏବଂ ଆଇଆଇଟି ଦିଲ୍ଲୀରୁ ସ୍ନାତକୋତ୍ତର ଡିଗ୍ରୀ (ଏମଟେକ) ହାସଲ କରିଥିବା ଶ୍ରୀ ପାଣ୍ଡୁଙ୍କର ପାୱାର ସେକ୍ଟରରେ କାର୍ଯ୍ୟ କରିବାର ୩୯ ବର୍ଷର ଅଭିଜ୍ଞତା ରହିଛି। ୧୯୮୬ରୁ ସେ ଏନଟିପିସିରେ କାର୍ଯ୍ୟ କରୁଥିଲେ। ତାଳଚେର, ବଦରପୁର, ଦାଦ୍ରି, ଦର୍ଲିପାଲି, ରାମଗୁଣ୍ଡମ, ଭେଲୁର ଆଦି ଏନଟିପିସିର ବିଭିନ୍ନ ପ୍ଲାଣ୍ଟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ଦକ୍ଷତାର ସହ ଦାୟିତ୍ୱ ନିର୍ବାହ କରିଛନ୍ତି। ଊର୍ଜା ନିଗମ ଲିମିଟେଡ, ଏନଟିପିସି ତାମିଲନାଡୁ ଏନର୍ଜି ଲିମିଟେଡର ସିଇଓ ଭାବେ ମଧ୍ୟ ସେ ଦାୟିତ୍ୱ ନିର୍ବାହ କରିଛନ୍ତି। ତାଙ୍କ ସମୟରେ ତେଲେଙ୍ଗାନାରେ ୮୦୦ ମେଗାୱାଟର ଦୁଇଟି ୟୁନିଟ କାର୍ଯ୍ୟକ୍ଷମ ହୋଇଥିଲା। ଏଥିଲାଗି ସେ ବିଭିନ୍ନ ଜାତୀୟ ସ୍ତରର ଆୱାର୍ଡ ମଧ୍ୟ ପାଇଛନ୍ତି। ଓପିଜିସିର ଏମଡି ଭାବେ ଦାୟିତ୍ୱ ଗ୍ରହଣ କରିବା ଅବସରରେ ତାଙ୍କୁ ନିଗମର ନିର୍ଦ୍ଦେଶକ (ଅର୍ଥ) ଗଗନ ବିହାରୀ ସ୍ୱାଇଁ ଏବଂ ଅନ୍ୟ ଅଧିକାରୀମାନେ ସ୍ୱାଗତ କରିଥିଲେ।



**Pragativadi_04.02.2025**

**New MD of OPGC:** Kedar Ranjan Pandu joined as MD of Odisha Power Generation Corporation (OPGC) on Monday. A graduate in mechanical engineering from CET, Bhubaneswar and MTech from IIT, Delhi, Pandu has over 39 years of experience in the power sector.

**The Times of India_04.02.2025**

# କେଦାର ରଞ୍ଜନ ପାଣ୍ଡୁ ଓପିଜିସି ଏମଡି

ଭୁବନେଶ୍ୱର,(ସବ୍ୟୁ): ଓପିଜିସିର ପରିଚାଳନା ନିର୍ଦ୍ଦେଶକ ଭାବରେ କେଦାର ରଞ୍ଜନ ପାଣ୍ଡୁ ଯୋଗ ଦେଇଛନ୍ତି । ସିଇଟି ଭୁବନେଶ୍ୱରରୁ ମେକାନିକାଲ୍ ଇଞ୍ଜିନିୟରିଂରେ ସ୍ନାତକ ଏବଂ ଆଇଆଇଟି ଦିଲ୍ଲୀରୁ ଏମ.ଟେକ୍ କରିଥିବା ଶ୍ରୀ ପାଣ୍ଡୁଙ୍କର ବିଦ୍ୟୁତ କ୍ଷେତ୍ରରେ ୩୯ ବର୍ଷରୁ ଅଧିକ କାଳ ଅଭିଜ୍ଞତା ଅଛି । ସେ ୧୯୮୬ରୁ ଏନଟିପିସି ଲିମିଟେଡରେ କାର୍ଯ୍ୟ କରିଛନ୍ତି, ଯେଉଁଠାରେ ସେ ଇଞ୍ଜିନିୟରିଂ ଏକଜିକ୍ୟୁଟିଭ୍ ଟ୍ରେନି ଭାବରେ ଯୋଗ ଦେଇଥିଲେ ଏବଂ ଦକ୍ଷିଣ କ୍ଷେତ୍ରର ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବରେ ଅବସର ଗ୍ରହଣ କରିଥିଲେ । ତାଙ୍କର ଦୀର୍ଘ ବର୍ଷର ଅଭିଜ୍ଞତା ମଧ୍ୟରେ, ସେ ଏନଟିପିସିର ବଦରପୁର, ଦାଦ୍ରି, ତାଳଚେର, ଭାଲୁର, ଦାର୍ଲିପାଲି, ରାମାଗୁଣ୍ଡମ ଭଳି ବିଭିନ୍ନ ପ୍ଲାଣ୍ଟରେ ବିଭିନ୍ନ ପଦବୀରେ କାର୍ଯ୍ୟ କରିଛନ୍ତି । ବିଭିନ୍ନ ପ୍ଲାଣ୍ଟ ସ୍ଥାନରେ କାର୍ଯ୍ୟ କରିବା ବ୍ୟତୀତ ସେ ଏନଟିପିସି ତାମିଲନାଡୁ ଏନର୍ଜି ଲିମିଟେଡର ସିଇଓ ମେଜା ଉର୍ଜା ନିଗମ ଲିମିଟେଡର ସିଇଓ, ଭୁବନେଶ୍ୱର ଏବଂ



ହାଇଦରାବାଦରେ ଆଞ୍ଚଳିକ ମୁଖ୍ୟାଳୟ ଏବଂ ନୂଆଦିଲ୍ଲୀର ଏନଟିପିସି କର୍ପୋରେଟ୍ ଅଫିସରେ ମଧ୍ୟ କାର୍ଯ୍ୟ କରିଛନ୍ତି । ଶ୍ରୀ ପାଣ୍ଡୁଙ୍କ କାର୍ଯ୍ୟକାଳ ମଧ୍ୟରେ ତେଲେଙ୍ଗାନାର ୮୦୦ମେଗାୱାଟ୍ ସୁପରକ୍ରିଟିକାଲ୍ ୟୁନିଟ୍‌ର ୨ଟି ୟୁନିଟ୍ କାର୍ଯ୍ୟକ୍ଷମ କରାଯାଇଥିଲା, ଯାହାକୁ ପ୍ରଧାନମନ୍ତ୍ରୀ ଉଦଘାଟନ କରିଥିଲେ । ଶକ୍ତି ଦକ୍ଷତା ପ୍ରଣାଳୀ କ୍ଷେତ୍ରରେ ତାଙ୍କର ପ୍ରୟାସ ଗୁରୁତ୍ୱପୂର୍ଣ୍ଣ ଫଳାଫଳ ଆଣିଛି, ଯାହାର ପ୍ରମାଣ ହେଉଛି ଇକୋନୋମିକ୍ ଟାଇମ୍ସ ଏନର୍ଜି ଲିଡରସିପ୍ ପୁରସ୍କାର ୨୦୨୪ । ତାଙ୍କୁ ସିଆଇଆଇ ଏନର୍ଜି ଏଫିସିଏନ୍ସି ପୁରସ୍କାର-୨୦୨୪, କ୍ଲିନ୍ ଏନର୍ଜି ମିନିଷ୍ଟେରିଆଲ୍ ଇନସାଇଟ୍ ପୁରସ୍କାର-୨୦୨୩ ପ୍ରଦାନ କରାଯାଇଛି । ଆପେକ୍ସ ଇଣ୍ଡିଆ ଲିଡର ସିଇଓ ଅଫ୍ ଦି ଇୟର ପୁରସ୍କାର ୨୦୨୪ ପ୍ରଦାନ କରାଯାଇଛି, ଯାହା ଶକ୍ତି କ୍ଷେତ୍ର ଏବଂ ମାନବ ସମ୍ବଳ କ୍ଷେତ୍ରରେ ତାଙ୍କର ଦଶନ୍ଧିର ଉତ୍ସର୍ଗ, ନବସୃଜନ, ଯତ୍ନବାନ କାର୍ଯ୍ୟ ଏବଂ ଅବଦାନର ପ୍ରମାଣ । ଭୁବନେଶ୍ୱରର କର୍ପୋରେଟ୍ ଅଫିସରେ ପହଞ୍ଚିବା ପରେ ଓପିଜିସି ନିର୍ଦ୍ଦେଶକ (ଅର୍ଥ) ଗଗନ ବିହାରୀ ସ୍ୱାଇଁ ଏବଂ ଓପିଜିସିର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ ।

**Samaya_05.02.2025**

# Kedar Ranjan Pandu Joined As MD Of OPGC

Bhubaneswar(correspondent): In a recent development, Sri Kedar Ranjan Pandu has joined as Managing Director OPGC on 03rd February 2025. A Graduate in Mechanical Engineering from CET, Bhubaneswar and M. Tech from IIT, Delhi, Sri Pandu has over 39 years of experience in Power sector and he has served in NTPC Ltd. from 1986, where he joined as Engineering Executive Trainee and superannuated as Regional Executive Director, South Region. During his long years of Experience, he has



served in various capacities at NTPC in different plants like, Badarpur, Dadri, Talcher, Vallur, Darlipalli, Ramagundam. Apart from serving at various plant locations he has also served at CEO, NTPC Tamil Nadu Energy Ltd., CEO, Meja Urja Nigam Ltd., Regional Headquarter at Bhubaneswar and Hyderabad and also at NTPC Corporate Office, New Delhi. During the tenure of Sri Pandu 2 units of 800 MW supercritical Units of Telangana were commissioned, which were inaugurated by Hon'ble Prime Minister. His efforts in Energy Efficiency systems has yielded significant results the testimony of which is the "Economic Times Energy Leadership Awards 2024". He has been conferred with "CII Energy Efficiency Award-2024", "Clean Energy Ministerial Insight Award-2023". "APEX India Leader CEO of the year award 2024" which is a testament of his decades of dedication, innovation, careful work and Contributions in the area of Power sector and HR.

**Around Odisha_05.02.2025**